## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ରୂପ୍‌ସା, (ବାଞ୍ଛାନିଧି ଦେ)-ବାଲେଶ୍ୱର ଜିଲା ରୂପସା ଥାନା ଗଡ଼ପଦା ପଞ୍ଚାୟତ ଅଧୀନ ଲଛମନଖୁଣ୍ଟା ଜାରାସାହି ଗ୍ରାମର ଜଣେ ଯୁବକ ବୁଧବାର ପୋଖରୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ମୃତ ଯୁବକ ହେଲେ ଚନ୍ଦ୍ରା ସିଂ (୪୨)। ଏ ସମ୍ପର୍କରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଅପରାହ୍ଣରେ ଚନ୍ଦ୍ରା ଗାଁ ପୋଖରୀରେ ଗାଧୋଉଥିବା ବେଳେ ଅସାବଧାନତାବଶତଃ ବୁଡ଼ି ଯାଇଥିଲେ। ଗାଁ ଲୋକେ ତାଙ୍କୁ ଉଦ୍ଧାର କରି ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ।

**ସଂକ୍ଷେପରେ**

## ୧୫ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା, ୨୦ ଗ୍ରାମ ସୁନା ମିଳିଲା

### ମା' ତାରିଣୀଙ୍କ ହୁଣ୍ଡି ଗଣତି

ଘଟଗାଁ,୧୧।୧୦(ରାଜେନ୍ଦ୍ର କୁମାର ପଟ୍ଟନାୟକ): କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ହୁଣ୍ଡି ମଙ୍ଗଳବାର ଖୋଲାଯାଇ ଗଣତି କରାଯାଇଥିଲା। ମୋଟ ୧୫ ଲକ୍ଷ ୩୫ ହାଜର ୨୧୫ଟଙ୍କା, ୨୦ ଗ୍ରାମ ୯୧୦ ମିଲିଗ୍ରାମ ସୁନା ଓ ୮୬୧ଗ୍ରାମ. ୫୦୦ମିଲିଗ୍ରାମ ରୁପା ମିଳିଥିବା ସୂଚନା ମିଳିଛି। ସମ୍ବଲପୁର ଦେବୋତ୍ତର ବିଭାଗ ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ ମହାପାତ୍ର, ପୋଲିସ କର୍ମଚାରୀ ଉପେନ୍ଦ୍ର ନାଏକ ପ୍ରମୁଖଙ୍କ ଉପସ୍ଥିତରେ ମନ୍ଦିର ବେଢ଼ା ଭିତର ଓ ବାହାର ମୋଟ ୧୩ ଗୋଟି ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ମନ୍ଦିର ବରିଷ୍ଠ କର୍ମଚାରୀ ଅବନୀ ଜେନା, ଶରତ ବେହେରା, ହରେକୃଷ୍ଣ ପଲେଇ, ମହେଶ୍ୱର ଦେହୁରୀ, ମହେଶ୍ୱର ସାହୁ, ରଞ୍ଜନ ସାହୁ, ଅରୁଣ ନାୟକ, ଶ୍ରୀକାନ୍ତ ଦେହୁରୀ, ନବୀନ ମହାନ୍ତ, କାଳନ୍ଦୀ ମହାନ୍ତ, ତୁଷାରକାନ୍ତ ରାଉତ, ଲକ୍ଷ୍ମୀଧର ମହାନ୍ତ, ଦେବଦତ୍ତ ବଳ, ସନାତନ ନାଏକ, ତରଣୀସେନ ରାଉତ, ହରିହର ମହାନ୍ତ, ନାରାୟଣ ମୁଖି, ଚନ୍ଦନ ବେହେରା, ଚକ୍ରଧର ନାଏକ, ବିଷ୍ଣୁ ଚରଣ ନାଏକ, ସନିଆ ମୁଖି, ଷ୍ଟେଟ୍ ବ୍ୟାଙ୍କ କର୍ମଚାରୀ ପାୟଲ ମଲ୍ଲିକ, ସିପୁନ ସାହୁ ପ୍ରମୁଖ ଉପସ୍ଥିତ ରହି ଗଣତି କରିଥିଲେ।

## ମିଠାରୁ ବାହାରିଲା ମୂଷା, ଦୋକାନ ସିଲ୍

କେନ୍ଦୁଝର,୧୧।୧୦(ନରେଶ ଚନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ସହର ଜାମୁହତା ଛକ ନିକଟରେ ଥିବା ଗୀତାଞ୍ଜଳି ମିଠା ଦୋକାନକୁ ବୁଧବାର ପୌରପାଳିକା ପକ୍ଷରୁ ସିଲ୍ କରି ଦିଆଯାଇଛି। ଦୋକାନର ଜଣେ କର୍ମଚାରୀ ଦୋକାନରେ ମିଠାରେ ମୂଷା ପଡ଼ିଥିବା, ମଇଳା ଆବର୍ଜନା ପରିବେଶରେ ମିଠା ପ୍ରସ୍ତୁତ ହେଉଥିବା ନେଇ ଅଭିଯୋଗ କରିଥିଲେ। ଏନେଇ ପୌରପାଳିକା ଏଭଳି ପଦକ୍ଷେପ ନେଇଥିବା କୁହାଯାଇଛି। ଅଭିଯୋଗ ମିଛ, ବିନା କାରଣ ଦର୍ଶାଇ ନୋଟିସ୍‌ରେ ଦୋକାନ ସିଲ କରିଦିଆଯାଇଥିବା ମାଲିକ ଶିବ କୁମାର ରାଠୋର କହିଛନ୍ତି। ଅନ୍ୟପକ୍ଷେ ସହରରେ ସରକାରୀ ନୀତି ନିୟମ ପାଳନ ନ କରି ବହୁ ବ୍ୟବସାୟିକ ସଂସ୍ଥା, ସ୍କ୍ରାପ୍ ବ୍ୟବସାୟ ଆଦି ଚାଲିଥିବା ବେଳେ ଏ ନେଇ ପୌରପାଳିକା ପକ୍ଷରୁ ଅଭିଯୋଗ ସତ୍ତ୍ୱେ ପଦକ୍ଷେପ ନିଆଯାଇନାହିଁ। ସେହିପରି ବହୁ ସରକାରୀ ଜମି ଜବରଦଖଲ କରି ବ୍ୟବସାୟ କରିବା, ପ୍ଲାନ୍ ବାହାରେ ଦୋକାନ ବଜାର ଚାଲିଥିବା, ବିନା ପାର୍କିଂ ବ୍ୟବସ୍ଥାରେ ଦୋକାନ, ବ୍ୟବସାୟିକ ସଂସ୍ଥା ଚାଲିଥିବା ସତ୍ତ୍ୱେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। କେତେକ କ୍ଷେତ୍ରରେ ନୋଟିସ ଦେଇ ବର୍ଷ ବର୍ଷ ସମୟ ଗଡ଼ାଇ ବେଆଇନ କାମକୁ ପ୍ରୋତ୍ସାହିତ କରାଯାଉଥିବା ପୂର୍ବତନ ବିଧାୟକ ସୁବର୍ଣ୍ଣ ନାୟକ ଅଭିଯୋଗ କରିଛନ୍ତି। ତେବେ ନୋଟିସ କରିବା ସହ ସବୁ ବେଆଇନ କାମ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପୌରପାଳିକା ନିର୍ବାହୀ ଅଧିକାରିଣୀ ଡାକ୍ତର ମଧୁସ୍ମିତା ସାମନ୍ତରା କହିଛନ୍ତି।

# ଚିକିତ୍ସା ଅବହେଳାରୁ ପ୍ରସୂତିଙ୍କ ମୃତ୍ୟୁ ଅଭିଯୋଗ

ବାଲେଶ୍ୱର, ୧୧।୧୦(ମାନସ ବିଶ୍ୱାଳ)



ମୃତକଙ୍କ ପରିବାର ଲୋକ ଓ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଯୁକ୍ତିତର୍କ ଚାଲିଛି।

ବାଲେଶ୍ୱର ସହର ଆଇଟିଆଇ ଛକ ନିକଟସ୍ଥ ଏକ ଘରୋଇ ନର୍ସିଂହୋମରେ ଚିକିତ୍ସା ଅବହେଳାରୁ ବାରମ୍ବାର ରୋଗୀଙ୍କ ମୃତ୍ୟୁ ହେଉଥିବା ଅଭିଯୋଗ ହୋଇଛି। କିଛିଦିନ ପୂର୍ବରୁ ଏକ ଅପରେଶନ ବେଳେ ରୋଗୀଙ୍କ ପେଟରେ କଇଁଚି ରଖି ସିଲେଇ କରିଦିଆଯାଇଥିଲା। ଏହା ଜାଣିବା ପରେ ରୋଗୀଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ନର୍ସିଂହୋମ କର୍ତ୍ତୃପକ୍ଷ ରୋଗୀଙ୍କ ସମସ୍ତ ଦାୟିତ୍ୱ ନେବା ପରେ ଘଟଣା ଶାନ୍ତ ପଡ଼ିଥିଲା। ସେହିପରି ଏକ ଅଭାବନୀୟ ଘଟଣା ଗତ ୮ ତାରିଖରେ ଘଟିଛି। ପିଲା ଜନ୍ମକରିବା ପରେ ଜଣେ ଗର୍ଭବତୀଙ୍କ ଚିକିତ୍ସା ଅବହେଳାରୁ ମୃତ୍ୟୁ ହୋଇଥିବା ବୁଧବାର ପରିବାର ଲୋକେ ଅଭିଯୋଗ ଆଣିଥିବା ବେଳେ ମୃତକଙ୍କ ସ୍ୱାମୀ ସହଦେବଖୁଣ୍ଟା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ବାହାନଗା ବ୍ଲକ ଗୋପାଳପୁର ଅଞ୍ଚଳର ପ୍ରିୟବ୍ରତ ମିଶ୍ରଙ୍କ ସ୍ତ୍ରୀ ସାଗରିକା ପଣ୍ଡାଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ଗତ ୪ ତାରିଖରେ ଡାକ୍ତରଙ୍କ ପରାମର୍ଶରେ ଜୟଶ୍ରୀ ହେଲ୍‌ଥ କେୟାର ନର୍ସିଂହୋମରେ ଭର୍ତ୍ତି କରାଇଥିଲେ। ଅପରାହ୍ନ ୩ଟା ୪୨ମିନିଟ୍ ସମୟରେ ଡାକ୍ତର ଅପରେଶନ ମାଧ୍ୟମରେ ଯାଆଁଳା (ଗୋଟିଏ ପୁଅ ଓ ଗୋଟିଏ ଝିଅ) ପିଲା ଜନ୍ମ କରାଇଥିଲେ। ପରେ ସାଗରିକାଙ୍କର ସ୍ୱାସ୍ଥ୍ୟବସ୍ଥା ଖରାପ ହେବାରୁ ୟୁଟ୍ରେଶ ଅପରେସନ କରାଇଥିଲେ। ରାତି ପ୍ରାୟ ୮ଟାରେ ସାଗରିକାଙ୍କର ସ୍ୱାସ୍ଥ୍ୟାବସ୍ଥା ଅଧିକ ଖରାପ ହେବାରୁ ସ୍ୱାମୀ ପ୍ରିୟବ୍ରତ କାର୍ଯ୍ୟରତ ନର୍ସମାନମାନଙ୍କୁ ଜଣାଇଥିଲେ ଏବଂ ଡାକ୍ତରଙ୍କୁ ଦେଖିବା ପାଇଁ ଗୁହାରି କରିଥିଲେ। କିନ୍ତୁ ଡାକ୍ତର ନ ଆସି ନର୍ସଙ୍କ ମାଧ୍ୟମରେ ବାରମ୍ବାର ସାଲାଇନ୍ ସହ ଇଞ୍ଜେକଶନ ଦେଇଚାଲିଥିଲେ। ସ୍ୱାସ୍ଥ୍ୟାବସ୍ଥା ଅଧିକ ଗୁରୁତର ହେବାରୁ ରାତି ପ୍ରାୟ ୩ଟାରେ ଡାକ୍ତର ପହଞ୍ଚି ରୋଗୀକୁ ଦେଖିଥିଲେ ଏବଂ ନିଜେ ୧୦୮ ଆମ୍ବୁଲାନ୍ସ ଡାକି ପରିବାର ଲୋକଙ୍କ ଅନିଚ୍ଛା ସତ୍ତ୍ୱେ ତରବରିଆ ହୋଇ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କିଛି ସମୟ ପରେ ସେଠାରେ ଡାକ୍ତର ସାଗରିକାଙ୍କୁ ମୃତ ଘୋଷଣା କରିଥିଲେ। ପ୍ରକୃତରେ ସାଗରିକାଙ୍କ ମୃତ୍ୟୁ ଉକ୍ତ ନର୍ସିଂହୋମରେ ହୋଇଥିଲା ନା ଜିଲା ମୁଖ୍ୟ ଚିକିତ୍ସାଳୟରେ ହୋଇଥିଲା ଏହାକୁ ନେଇ ପରିବାର ଲୋକେ ଦ୍ୱନ୍ଦ୍ୱରେ ରହିଛନ୍ତି। ଅନ୍ୟପକ୍ଷରେ ଜନ୍ମ ହୋଇଥିବା ଦୁଇ ଜାଆଁଳା ପୁଅ ଓ ଝିଅ ଏସ୍‌ଏନ୍‌ସିୟୁରେ ଚିକିତ୍ସିତ ହେଉଛନ୍ତି। ସମସ୍ତ ଘଟଣା ଜଣାପଡ଼ିବା ପରେ ମୃତ ସାଗରିକାଙ୍କ ଦୁଇ ଭଉଣୀ, ପରିବାର ଲୋକ ସ୍ୱାମୀ ପ୍ରିୟବ୍ରତଙ୍କ ସହ ମିଶି ନର୍ସିଂହୋମରେ ପହଞ୍ଚି ଚିକିତ୍ସା ଅବହେଳାର ଅଭିଯୋଗ ଆଣି ପାଟିତୁଣ୍ଡ କରିଥିଲେ। ଏନେଇ ଜୟଶ୍ରୀ ହେଲଥ କେୟାର ମାଲିକ ଶ୍ରୀକଣ୍ଠ ମହାପାତ୍ର କହିଛନ୍ତି, ଡାକ୍ତର ଗିରିଜା ଶଙ୍କର ଦାସ ଉକ୍ତ ଗର୍ଭବତୀଙ୍କର ଅପରେଶନ କରିଥିଲେ। ଆଇନ ଅନୁଯାୟୀ ତାଙ୍କ ବିରୋଧରେ ଯାହା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେଲ୍ଫି କର୍ନର ଧରିତ୍ରୀ DHARITRI

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

balasoreselfie@gmail.com



@ଟୁନି



@ଅରବିନ୍ଦ



@ମାହେଶ୍ୱରୀ

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ

## ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଭଞ୍ଜସେନାର ଅନଶନ




ଅନଶନରେ ସାମିଲ ଭଞ୍ଜସେନାର କର୍ମକର୍ତ୍ତାମାନେ।

**କିଚକେଶ୍ୱରୀ ମନ୍ଦିରର ଉନ୍ନତୀକରଣ ଦାବି**

ବାରିପଦା,୧୧।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାର ଅଧିଷ୍ଠାତ୍ରୀ ଦେବୀ ଖିଚିଂସ୍ଥିତ ମା' କିଚକେଶ୍ୱରୀ ମନ୍ଦିରର ଉନ୍ନତୀକରଣ ଓ ଧ୍ୱଂସାଭିମୁଖୀ ଏମ୍‌ପିସି କନିଷ୍ଠ ମହାବିଦ୍ୟାଳୟ ତଥା ପୁରାତନ ରାଜପ୍ରାସାଦର ମରାମତି ଦାବିରେ ଭଞ୍ଜସେନା ପକ୍ଷରୁ ଆମରଣ ଅନଶନ ଆରମ୍ଭ ହୋଇଛି। ଭଞ୍ଜସେନାର ଜିଲା ସାଧାରଣ ସମ୍ପାଦକ ଧନଞ୍ଜୟ ସାହୁ ଏବଂ ଜିଲା ଯୁବଶାଖା ସଭାପତି ସୌମ୍ୟରଞ୍ଜନ ମିଶ୍ର ବୁଧବାରଠାରୁ ବାରିପଦାସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଛନ୍ତି। ରାଜ୍ୟର ବହୁ ପ୍ରମୁଖ ମଠ ମନ୍ଦିରର ସୌନ୍ଦର୍ଯ୍ୟକରଣ ଓ ପୁନରୁଦ୍ଧାର ପାଇଁ ଅନୁଦାନ ଦିଆଯାଉଥିବା ବେଳେ ବିଶ୍ୱରେ ଏକମାତ୍ର କଳା ମୁଗୁନି ପଥରରେ ନିର୍ମିତ କିଚକେଶ୍ୱରୀଙ୍କ ମନ୍ଦିରର ପୁନରୁଦ୍ଧାର ପାଇଁ ଆଖି ଦୃଶିଆ ଆର୍ଥିକ ସହାୟତା ପ୍ରଦାନ କରିବା, ପୂର୍ତ୍ତ ବିଭାଗ ପକ୍ଷରୁ ସର୍ଭେ ହୋଇଥିବା ଧ୍ୱଂସାଭିମୁଖୀ ରାଜପ୍ରସାଦର ପୁନରୁଦ୍ଧାର ପାଇଁ ଆବଶ୍ୟକ ଅଟକଳରାଶି ଯୋଗାଇବା ସହ ଉପଯୁକ୍ତ ରକ୍ଷଣାବେକ୍ଷଣ କରି ଏହାକୁ ସ୍ମାରକୀ ଭାବେ ସଂରକ୍ଷିତ କରାଯିବା ଆଦି ଦାବି କରି ଭଞ୍ଜସେନା ଆମରଣ ଅନଶନରେ ବସିଥିବା ସୂଚନା ମିଳିଛି।

## ଶିକ୍ଷା ସମ୍ମାନ ବିଭାଗରେ ସ୍ୱାଗତ ଉତ୍ସବ

ବାଙ୍ଗିରିପୋଷି,୧୧।୧୦(ସଞ୍ଜୟ କୁମାର ଅଗ୍ରୱାଲ)

ସ୍ଥାନୀୟ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟ ଶିକ୍ଷା ସମ୍ମାନ ବିଭାଗରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ମହାବିଦ୍ୟାଳୟର ଅଧ୍ୟକ୍ଷା ତଥା ଶିକ୍ଷା ବିଭାଗର ମୁଖ୍ୟ ଡ.ପୁଷ୍ପା ପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଉତ୍କଳମଣି ଗୋପବନ୍ଧୁ ପ୍ରଶିକ୍ଷଣ କେନ୍ଦ୍ରର ଆସିଷ୍ଟାଣ୍ଟ ପ୍ରଫେସ ଡ. ସରୋଜ କୁମାର ନାୟକ ଯୋଗ ଦେଇଥିଲେ। +୩ ଦ୍ୱିତୀୟ ବର୍ଷର ଛାତ୍ରୀ ନିବେଦିତା କର ପ୍ରାରମ୍ଭିକ ସମ୍ଭାଷଣ ସହ ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଅଧ୍ୟାପିକା ହିରଣ୍ମୟୀ ପ୍ରଧାନ ପାଠଚକ୍ର ବିଷୟବସ୍ତୁ ଓ ଏହାର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ତୃତୀୟ ବର୍ଷର ଛାତ୍ର ଲଳିତ କୁମାର ପାତ୍ର ଓ ବନିତା ପାତ୍ର ସନ୍ଦର୍ଭ ଉପସ୍ଥାପନ କରିଥିଲେ। ଅର୍ଥନୀତି ବିଭାଗର ମୁଖ୍ୟ ପ୍ରାଧ୍ୟାପକ ସତ୍ୟନାରାୟଣ ସାମଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। +୩ ଦ୍ୱିତୀୟ ଓ ତୃତୀୟ ବର୍ଷ ଛାତ୍ରୀଛାତ୍ରମାନେ ନୂତନ ଛାତ୍ରଛାତ୍ରୀମାନଙ୍କୁ ସ୍ୱାଗତ କରିଥିଲେ।

## ଆଖଣ୍ଡଳମଣିଙ୍କ ପୀଠରେ ଭୂମିପୂଜନ



ଭିତ୍ତିପ୍ରସ୍ତର ସ୍ଥାପନ କରାଯାଉଛି।

ଚାନ୍ଦବାଲି,୧୧।୧୦(କିଶାନ ପାତ୍ର/ଅଶୋକ ପଣ୍ଡା)

ଭଦ୍ରକର ପ୍ରସିଦ୍ଧ ଶୈବପୀଠ ଆଖଣ୍ଡଳମଣୀ ପୀଠରେ ଉନ୍ନୟନ ପ୍ରକଳ୍ପ ପାଇଁ ସୋମବାରଠାରୁ ୩ ଦିନ ଧରି ଯଜ୍ଞ ଚାଲିବା ସହ ବୁଧବାର ଭୂମିପୂଜା ଓ ଯଜ୍ଞ ପୂର୍ଣ୍ଣାହୁତି ଦିଆଯାଇଛି। ପୀଠର ବିଭିନ୍ନ ପ୍ରକଳ୍ପ ଓ ମନ୍ଦିର ଚତୁଃପାର୍ଶ୍ୱର ସମ୍ପ୍ରସାରଣ ନିମନ୍ତେ ଦ୍ୱିତୀୟ ପର୍ଯ୍ୟାୟରେ ରାଜ୍ୟ ସରକାର ୪୨କୋଟି ଟଙ୍କା ପ୍ରଦାନ କରିଛନ୍ତି। ମନ୍ଦିର ସିଂହଦ୍ୱାର ସମ୍ମୁଖରେ ଯଜ୍ଞଶାଳା ନିର୍ମାଣ କରାଯାଇଥିବା ବେଳେ ଶ୍ରୀକ୍ଷେତ୍ର ପୁରୀ, ଲିଙ୍ଗରାଜ, ବଳଦେବଜୀଉ, ମା' ବିରଜା ଓ ମା ଭଦ୍ରକାଳୀଙ୍କ ପୀଠରୁ ଆସିଥିବା ବ୍ରାହ୍ମଣମାନଙ୍କ ବେଦପାଠ ଓ ମନ୍ତ୍ରଧ୍ୱନିରେ ପ୍ରକମ୍ପିତ ହେଉଛି ସମଗ୍ର ପୀଠ। ଭୂମିପୂଜନ ପାଇଁ ଘଟ ଶୋଭାଯାତ୍ରା, ଘଟସ୍ଥାପନ, ରୁଦ୍ରାଭିଷେକ, ଦ୍ୱାରପାଳପୂଜା, ସୂର୍ଯ୍ୟ ପୂଜା, ଶିଳା ପ୍ରସ୍ତର ସ୍ଥାପନ, ଯଜ୍ଞକୁଣ୍ଡରେ ଅଗ୍ନି ସଂଯୋଗ ଆଦି ରୀତିନୀତି ଅନୁଯାୟୀ ଅନୁଷ୍ଠିତ ହୋଇଛି। ଭଦ୍ରକ ଉପଜିଲାପାଳ ତଥା ମନ୍ଦିର ଟ୍ରଷ୍ଟି ମନୋଜ ପାତ୍ର, ବିଧାୟକ ବ୍ୟୋମକେଶ ରାୟ ସଂକଳ୍ପ କରିବା ପରେ ପୂଜାନୀତି ଚାଲୁ ରହିଛି। ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ପ୍ରଫୁଲ୍ଲ ସାମଲ, ବିଷ୍ଣୁବ୍ରତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତି ସନ୍ଧ୍ୟାରେ ପାଲା, ପ୍ରବଚନ ଓ ନାମସଂକୀର୍ତ୍ତନ ପରିବେଷଣ କରାଯାଉଛି।

## ବାହାନଗା ରେଳ ଦୁର୍ଘଟଣାସ୍ଥଳରେ ବିହାର କ୍ୟାଡର ୧୧ ଭାରତୀୟ ପ୍ରଶାସନିକ ଅଧିକାରୀ

ବାହାନଗା, ୧୧।୧୦(ଅରୂପ୍ କୁମାର ଦାସ)



ବାହାନଗା ରେଳ ଦୁର୍ଘଟଣାସ୍ଥଳକୁ ଆସିଥିବା ଅଧିକାରୀମାନେ।

ବିହାର କ୍ୟାଡର ୧୧ଜଣିଆ ଭାରତୀୟ ପ୍ରଶାସନିକ ଅଧିକାରୀ ମଙ୍ଗଳବାର ବାହାନଗା ରେଳ ଦୁର୍ଘଟଣାସ୍ଥଳ ପରିଦର୍ଶନ କରିଥିଲେ। ଏହି ଅଧିକାରୀମାନେ ପ୍ରୋବେଶନାଲ ପିରିୟଡରେ ଓଡିଶାକୁ ଆସିଥିବା ବେଳେ ଜୁଲାଇ ୨ ତାରିଖରେ ଘଟିଥିବା ବାହାନଗା ରେଳ ଦୁର୍ଘଟଣା ସ୍ଥାନ ସମତେ ନଷ୍ଟ ହୋଇ ପଡିରହିଥିବା ଟ୍ରେନ୍ ବଗିଗୁଡିକୁ ପରିଦର୍ଶନ କରି ଫେରିଯାଇଛନ୍ତି। ସେଦିନର ଘଟଣାବଳୀ ବିଷୟରେ ବାହାନଗା ବିଡିଓ ଗୌରାଙ୍ଗ ଚରଣ ଘୋଷ ଓ ବାହାନଗା ତହସିଲଦାର ହିମାଂଶୁ ଶେଖର ଗିରିଙ୍କୁ ପଚାରି ବୁଝିଥିଲେ। ଏହାପରେ ସେମାନେ ବାହାନଗା ବିଦ୍ୟାଳୟରେ ଶବ ରଖାଯାଇଥିବା ସ୍ଥାନକୁ ଯାଇ ବୁଲି ଦେଖିଥିଲେ। ସେମାନଙ୍କ ସହିତ ଜିଲା ଜରୁରୀକାଳୀନ ଅଧିକାରିଣୀ ସାଇକ୍ରିଷ୍ଟା ଯେନା, ବିଡିଓ ଘୋଷ, ଏଡବ୍ଲ୍ୟୁଇ ଗିରିଜା ଶଙ୍କର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## ପ୍ରଥମ ପର୍ଯ୍ୟାୟରେ ୬୫୦ ସ୍କୁଟି ପ୍ରଦାନ

**ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ**



ନୂତନ ସ୍କୁଟି ପାଇଥିବା ମିଶନ ଶକ୍ତି ମହିଳାମାନେ।

କେନ୍ଦୁଝର,୧୧।୧୦(ଦୀପକ ମିଶ୍ର/ନରେଶ ଚନ୍ଦ୍ର ପଟ୍ଟନାୟକ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନ୍‌ଭେନସନ ସେଣ୍ଟରରେ ବୁଧବାର ମିଶନ ଶକ୍ତି ସ୍କୁଟି ଯୋଜନାର ଶୁଭାରମ୍ଭ କରିଛନ୍ତି। ଏ ଅବସରରେ କେନ୍ଦୁଝର ଅଡିଟୋରିୟମ ପରିସରରେ ଆୟୋଜିତ ଜିଲାସ୍ତରୀୟ କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ ଠାକ୍‌ରେ ମିଶନ ଶକ୍ତି ସ୍କୁଟର ଯୋଜନାର ଶୁଭାରମ୍ଭ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ୬୫୦ଟି ସ୍କୁଟି ମିଶନ ଶକ୍ତିର କମ୍ୟୁନିଟି ସପୋର୍ଟ ଷ୍ଟାଫ ଏବଂ ଏଜିକ୍ୟୁଟିଭ ମେମ୍ବରମାନଙ୍କୁ ଯୋଗାଇ ଦିଆଯାଇଛି। ଏଥିସହ ଅନ୍ୟମାନଙ୍କୁ ପସନ୍ଦ ମୁତାବକ ସ୍କୁଟି କିଣିବା ପାଇଁ ବିନା ସୁଧରେ ଏକ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବ୍ୟାଙ୍କ ଋଣ ପ୍ରଦାନ କରାଯାଇଛି। ଏ ପର୍ଯ୍ୟନ୍ତ ୧୩୦୧ ଜଣଙ୍କ ଋଣ ମଞ୍ଜୁର ହୋଇଛି। ଚଳିତ ଆର୍ଥିକ ବର୍ଷରେ ୬୫୦୦ ମିଶନ ଶକ୍ତି ମା'ଙ୍କୁ ସ୍କୁଟି ଯୋଗାଇ ଦେବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଉତ୍ସବରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, କେନ୍ଦ୍ରୀୟ ସମବାୟ ବ୍ୟାଙ୍କର ସଭାପତି କାନନ ବିହାରୀ ପହି, ଏଲ୍‌ଡ଼ିଏମ ବ୍ୟାଙ୍କ ଅଫ ଇଣ୍ଡିଆ ରବିନାରାୟଣ ମହାଲିକ, ଉପନିର୍ଦ୍ଦେଶକ ସୂଚନା ଓ ଲୋକସମ୍ପର୍କ ସଞ୍ଜୀବ ବାରିକ ଓ ବିଭିନ୍ନ ବ୍ୟାଙ୍କ ଏବଂ ମିଶନ ଶକ୍ତିର କର୍ମକର୍ତ୍ତା ଯୋଗଦେଇଥିଲେ।

### ପାଟଣା, ସାହାରପଡ଼ାରେ ପାଇଲେ ୧୪୩ ସ୍କୁଟି

ପାଟଣା,୧୧।୧୦(ବୀର କିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍‌ରେ ବୁଧବାର ମିଶନ ଶକ୍ତି ଶକ୍ତି ସ୍କୁଟି ଯୋଜନାରେ ବିଡିଓ ଶିବଶଙ୍କର ମୁର୍ମୁ ୭୩ ଜଣଙ୍କୁ ସ୍କୁଟି ବଣ୍ଟନ କରିଛନ୍ତି। ଅନୁରୂପ ସାହାରପଡ଼ା ବ୍ଲକ୍ ପରିସରରେ ୭୦ଜଣଙ୍କୁ ସ୍କୁଟି ଯୋଗାଇ ଦିଆଯାଇଥିବା ପାଟଣା ଓ ସାହାରପଡ଼ା ବ୍ଲକ ବିପିଏମ ନାନୋରଞ୍ଜନ ମହାପାତ୍ର କହିଛନ୍ତି।

## ବାଜିବନି ଡିଜେ, ଟ୍ରାଫିକ୍ ନିୟନ୍ତ୍ରଣ ଉପରେ ଗୁରୁତ୍ୱ

**ଦୁର୍ଗା ଓ କାଳୀପୂଜା ପାଇଁ ପ୍ରଶାସନିକ ପ୍ରସ୍ତୁତି**

ଭଦ୍ରକ,୧୧।୧୦(ସନାତନ ରାଉତ)



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ ଓ ପୂଜା ମଣ୍ଡପ କର୍ମକର୍ତ୍ତାମାନେ।

ଭଦ୍ରକରେ ଦୁର୍ଗାପୂଜା ଏବଂ ଓଡ଼ିଶା ପ୍ରସିଦ୍ଧ କାଳୀପୂଜା ପାଇଁ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ବୈଠକ ମଙ୍ଗଳବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଏସ୍‌ପି ବରୁଣ ଗୁଣ୍ଟୁପାଲି, ଅତିରିକ୍ତ ଜିଲାପାଳ ରାମଦାସ ଟୁଡୁ, ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ, ଉପଜିଲାପାଳ ମନୋଜ ପାତ୍ର, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ କୁମାର ପାତ୍ର, ଡେପୁଟି କଲେକ୍ଟର କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ। ୫ ଦିନ ଧରି ହେବାକୁ ଥିବା ଦୁର୍ଗାପୂଜା ପାଇଁ ଟ୍ରାଫିକ୍ ନିୟନ୍ତ୍ରଣ, ରାସ୍ତାଘାଟ ମରାମତି, ରାସ୍ତା ଆଲୋକୀକରଣ, ସଫେଇ, ନିରବଚ୍ଛିନ୍ନ ବିଦ୍ୟୁତ ଯୋଗାଣ ଆଦି ସମ୍ବନ୍ଧରେ ପଦକ୍ଷେପ ନେବା ପାଇଁ ଜିଲାପାଳ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଭସାଣି ସମୟରେ ଜୀବନ ହାନି ନ ହେବା ଦିଗରେ ସବୁଠୁ ଅଧିକ ସତର୍କତା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଭସାଣି ଶୋଭାଯାତ୍ରାରେ ଡିଜେ ବ୍ୟବହାର କରା ନ ଯିବା, ସୁପ୍ରିମ୍‌କୋର୍ଟ ଦ୍ୱାରା ଜାରି ନିୟମ ଅନୁଯାଇ ଶବ୍ଦ ବ୍ୟବସ୍ଥା ପାଇଁ ଅନୁମତି ପତ୍ରନେବା, ପୂଜା ମଣ୍ଡପ ପାଇଁ ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ଆଣିବା, ଭସାଣି ପାଇଁ ପୋଲିସ ବିଭାଗଠାରୁ ଅନୁମତି ନେବା ଆଦି ବିଷୟରେ ଏସ୍.ପି. ସୂଚନା ପ୍ରଦାନ କରିଥିଲେ। ସେହିପରି ଓଡ଼ିଶା ପ୍ରସିଦ୍ଧ ଭଦ୍ରକ କାଳୀପୂଜା ପାଇଁ ବୈଠକରେ ବିଭିନ୍ନ କାଳୀ ମଣ୍ଡପର କର୍ମକର୍ତ୍ତା ଉପସ୍ଥିତ ଥିଲେ। କାଳୀ ପୂଜାରେ ଲକ୍ଷାଧିକ ଲୋକଙ୍କ ସମାଗମ ହେଉଥିବାରୁ ଟ୍ରାଫିକ୍ ନିୟନ୍ତ୍ରଣ କାର୍ଯ୍ୟ ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ବୋଲି ମତ ପ୍ରକାଶ ପାଇଥିଲା। ମେଳା ସମୟରେ ଜାତୀୟ ରାଜପଥ ପାର୍କିଂମୁକ୍ତ ରଖାଯିବା, ରେଳଯାତ୍ରୀଙ୍କ ଯାଆସ ପାଇଁ ଅଟୋ ଚଳାଚଳ ପାଇଁ ବିକଳ୍ପ ରାସ୍ତା ରଖାଯିବା, ଏନ୍.ସି.ସି, ସ୍କାଉଟ୍ ସ୍ୱେଚ୍ଛାସେବୀ ମାନଙ୍କୁ ନିୟୋଜିତ କରାଯିବା, ପାର୍କିଂ ସ୍ଥାନ ଚିହ୍ନଟ, ପୋଲିସ୍ ମୁତୟନ ଆଦି ବ୍ୟବସ୍ଥା ସମ୍ବନ୍ଧରେ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଡିଏସ୍‌ପି ଡିଆଇବି କମଳ ଲୋଚନ ଭୂୟାଁ ପ୍ରମୁଖ ମତାମତ ପ୍ରଦାନ କରିଥିଲେ। କାଳୀପୂଜା ଅବସରରେ ବାଣ ଦୋକାନ ପାଇଁ ଆରଏମ୍‌ସି ମାର୍କେଟ୍ ପରିସରକୁ ଏକମାତ୍ର ଜାଗା ଭାବେ ବୈଠକରେ ସର୍ବସମ୍ମତ କ୍ରମେ ଅନୁମୋଦନ କରାଯାଇଥିଲା।

## ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଯୋଡ଼ା,(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ସହରର କୁନ୍ଦୁରୁନାଲାସ୍ଥିତ ସୁନା ନଦୀରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଉକ୍ତ ଅଞ୍ଚଳର ସୁରେନ ପାତ୍ର (୩୨)। ତାଙ୍କ ମାମୁଁ ଘରେ ରହୁଥିଲେ। ମଙ୍ଗଳବାର ସନ୍ଧ୍ୟାରେ ସୁନାନଦୀକୁ ଗାଧୋଇବାକୁ ଯାଇ ଘରକୁ ଫେରି ନ ଥିଲେ। ବୁଧବାର ମୃତଦେହ ନଦୀରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବଡ଼ବିଲ ଡାକ୍ତରଖାନାକୁ ପଠାଇ ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ପୁନଃ ନିଯୁକ୍ତି ପାଇଲେ ବ୍ୟାଙ୍କମିତ୍ର ଭାରତୀ

ବାରିପଦା(ନୀଳାଦ୍ରି ବିହାରୀ ଦଣ୍ଡପାଟ)/ଖୁଣ୍ଟା(ଦେବ ରଞ୍ଜନ ବେହେରା),୧୧।୧୦– କାର୍ଯ୍ୟରେ ଅବହେଳା ଅଭିଯୋଗରେ ନିଲମ୍ବନ ହେବାର ୨୫ ଦିନ ପରେ ମୟୂରଭଞ୍ଜ ଜିଲା ଖୁଣ୍ଟା ବ୍ଲକ ମିଶନ ଶକ୍ତି ବ୍ୟାଙ୍କମିତ୍ର ଭାରତୀ ସିଂଙ୍କୁ ବୁଧବାର ପୁନଃ ନିଯୁକ୍ତି ମିଳିଛି। ବାରିପଦାସ୍ଥିତ ଜିଲା ପରିଷଦ କାର୍ଯ୍ୟାଳୟଠାରେ ରାଜ୍ୟ ବ୍ୟାଙ୍କମିତ୍ର ସଂଘର କର୍ମକର୍ତ୍ତାଙ୍କ ଉପସ୍ଥିତିରେ ଅଧିକାରୀଙ୍କ ସହ ଆଲୋଚନା ପରେ ତାଙ୍କୁ ପୁନଃ ନିଯୁକ୍ତି ଦିଆଯାଇଛି। ଭାରତୀଙ୍କୁ ଚାକରିରୁ ନିଲମ୍ବନ କରାଯିବା ଘଟଣା ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥିଲା। ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଓଡ଼ିଶା ବ୍ୟାଙ୍କମିତ୍ର ସଂଘ ପକ୍ଷରୁ ସେପ୍ଟେମ୍ବର ୧୧ରେ ବିଭିନ୍ନ ଦାବିନେଇ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭ ପ୍ରଦର୍ଶନ ବେଳେ ଭାରତୀ ଗଣମାଧ୍ୟମ ସମ୍ମୁଖରେ ରାଜ୍ୟ ସରକାରଙ୍କୁ ତୀବ୍ର ସମାଲୋଚନା କରି ମନ୍ତବ୍ୟ ଦେଇଥିଲେ। ଏଥିରେ ପ୍ରତିକ୍ରିୟାଶୀଳ ହୋଇ ପ୍ରଶାସନ ପକ୍ଷରୁ ତାଙ୍କୁ ଚାକିରିରୁ ନିଲମ୍ବନ କରାଯାଇଥିବା ବିରୋଧୀ ଭାଜପା ସମେତ ଅନ୍ୟାନ୍ୟ ସଂଗଠନ ପକ୍ଷରୁ ଅଭିଯୋଗ ହୋଇଥିଲା।

### ବିଶିଷ୍ଟ ଜ୍ୟୋତିର୍ବିଦ୍ ପାରେଶ୍ୱରଙ୍କ ପରଲୋକ

କେନ୍ଦୁଝର,୧୧।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ) : କେନ୍ଦୁଝର ଜନସ୍ୱାସ୍ଥ୍ୟ ବିଭାଗର ଅବସରପ୍ରାପ୍ତ ଯନ୍ତ୍ରୀ ତଥା ବିଶିଷ୍ଟ ଜ୍ୟୋତିର୍ବିଦ୍ ଇଂ. ପାରେଶ୍ୱର ଜେନା(୮୩)ଙ୍କ ବୁଧବାର ପରଲୋକ ହୋଇଯାଇଛି। ମଙ୍ଗଳବାର ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ଭୁବନେଶ୍ୱର ସ୍ଥାନାନ୍ତର କରିଥିଲେ। ସେ କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ୍ ଭୂଇଁଭୂର ଗ୍ରାମରେ



ଜନ୍ମଗ୍ରହଣ କରିଥିଲେ। କଳିଙ୍ଗ ବଚପନ ସ୍କୁଲର ପ୍ରାଣ ପ୍ରତିଷ୍ଠାତା ଥିବାବେଳେ କେନ୍ଦୁଝରର ବହୁ ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ପୂର୍ବତନ ବିଧାୟକ ପ୍ରାଣବଲ୍ଲଭ ନାୟକ, ସୁବର୍ଣ୍ଣ ନାୟକ, ଡ. ବିଦ୍ୟାଧର ବେହେରା, ଉଜ୍ଜ୍ୱଳ ସାହୁ, କରୁଣାକର ବାରିକ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ତାଙ୍କ ପାର୍ଥିବ ଶରୀରକୁ ଶେଷ ଦର୍ଶନ ପାଇଁ କଲେଜରୋଡ଼ସ୍ଥିତ ବାସଭବନକୁ ଅଣାଯିବା ପରେ ଜିଲା ସାମ୍ବାଦିକ ସଂଘର ସଭାପତି ସତ୍ୟ ନାରାୟଣ ମିଶ୍ର, ଜିଲା ଓକିଲ ସଂଘର ସଭାପତି ଆଶିଷ ଚକ୍ରବର୍ତ୍ତୀ, ଉପସଭାପତି ଆଲୋକ ମହାନ୍ତ, ଉପ ନଗରପାଳ ବରଦାପ୍ରସନ୍ନ ଦାସଙ୍କ ସମେତ ସମାଜର ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ସହିତ ବହୁ ରାଜନୈତିକ ଦଳର ନେତୃବୃନ୍ଦ, ଧାର୍ମିକ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂସ୍ଥାର କର୍ମକର୍ତ୍ତାମାନେ ପହଞ୍ଚି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରି ଶେଷ ଦର୍ଶନ କରିଥିଲେ। ପରେ ମରଶରୀରକୁ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ତୁରୁମୁଙ୍ଗାସ୍ଥିତ ବୈତରଣୀ ଘାଟରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ପୁଅ ଅବିନାଶ ଜେନା ମୁଖାଗ୍ନି ଦେଇଥିବାବେଳେ ମୃତ୍ୟୁ ଶଯ୍ୟା ନିକଟରେ ସହଧର୍ମିଣୀ, ଭାଇ ସରୋଜ ବିଶ୍ୱାଳ, ମନୋରଞ୍ଜନ ଜେନା, ୨ ଝିଅ ଅସୀମା ସରୋଜ ନାୟକ, ଅନୀତା ମହାନ୍ତି, ଜ୍ୱାଇଁଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ।

# ରଣକ୍ଷେତ୍ର ପାଲଟିଲା ଭଦ୍ରକ ମୁଖ୍ୟ ଚିକିତ୍ସାଳୟ ପରିସର

■ଜମିଜମା ବିବାଦରୁ ଛୁରାମାଡ଼

■ପୃଥକ୍ ମାମଲା ରୁଜୁ, ୨ କୋର୍ଟ ଚାଲାଣ

ଭଦ୍ରକ,୧୧।୧୦(ସନାତନ ରାଉତ)



ମେଡିକାଲ ପରିସରରେ ଉତ୍ତେଜନା।

ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସର ମଙ୍ଗଳବାର ରାତିରେ ରଣକ୍ଷେତ୍ର ପାଲଟିଥିଲା। ୨ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ହୋଇ ମାରପିଟ ହୋଇଥିବା ବେଳେ ପୋଲିସ ମଧ୍ୟ ଏଥିରୁ ବର୍ତ୍ତି ନ ଥିଲା। ଶେଷରେ ବାଧ୍ୟ ହୋଇ ପୋଲିସ ଲାଠିଚାର୍ଜ କରିବା ପରେ ରାତି ୨ଟା ବେଳକୁ ପରିସ୍ଥିତି ନିୟନ୍ତ୍ରଣ ହୋଇଥିଲା। ଘଟଣାରେ ପୋଲିସ ପୃଥକ୍ ମାମଲା ରୁଜୁକରି ୨ ଜଣଙ୍କୁ ଗିରଫକରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଜମିଜମା ବିବାଦକୁ ନେଇ ରାତି ପ୍ରାୟ ୧୦ଟା ସମୟରେ ଭଦ୍ରକର ଜଣେ ହୋଟେଲ ମାଲିକ ଶୁଭ୍ରକାନ୍ତ ପତିଙ୍କୁ ତାଙ୍କ ହୋଟେଲ ନିକଟରେ କେତେଜଣ ଲୋକ ଆକ୍ରମଣ ଉଦ୍ୟମ କରିଥିଲେ। ଶୁଭ୍ରକାନ୍ତ ଭୟଭୀତ ହୋଇ ସମ୍ପର୍କୀୟଙ୍କୁ ଫୋନ କରି ଡାକିଥିଲେ। ସେମାନେ ସେଠାରେ ପହଞ୍ଚିବା ପରେ ଉଭୟ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଥିଲା। ଗଣ୍ଡଗୋଳରେ ସେହଜାଦ ଅଖତର ନାମକ ଯୁବକଙ୍କୁ ଛୁରାମାଡ଼ ହୋଇଥିଲା। ଏହାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇବା ସହ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଉଭୟ ଗୋଷ୍ଠୀ ଓ ପୋଲିସ ମଧ୍ୟରେ ମାରପିଟ ହୋଇଥିଲା। ଖବର ପାଇ ଭଦ୍ରକ ସିଟି ଡିଏସ୍‌ପି ଅଂଶୁମାନ ଦ୍ୱିବେଦୀ, ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ ଡାକ୍ତରଖାନାରେ ପହଞ୍ଚିବା ସହ ୫ ପ୍ଲାଟୁନ ପୋଲିସ ଫୋର୍ସ ସେଠାରେ ପହଞ୍ଚି ଲାଠିଚାର୍ଜ କରିଥିଲେ। ଘଟଣାସ୍ଥଳରୁ ପୋଲିସ ୩ ଜଣକୁ ଥାନାକୁ ଉଠାଇ ନେଇଥିଲା। ବୁଧବାର ଶୁଭ୍ରକାନ୍ତଙ୍କ ଏତାଲା କ୍ରମେ ଟାଉନ ଥାନାରେ ଏକ ମାମଲା (ନଂ. ୫୪୦/୨୩) ରୁଜୁକରି ରବୀନ୍ଦ୍ର ଦାସ ଓ ହେମନ୍ତ ବୈଶାଖଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସକୁ ଆକ୍ରମଣ ନେଇ ଏକ ମାମଲା( ନଂ. ୫୪୧/୨୩)ରୁଜୁ ହୋଇ ଜଣକୁ ଥାନାରେ ଅଟକ ରଖାଯାଇଥିବା ଥାନାଧିକାରୀ ବୀରେନ୍ଦ୍ର ସେନାପତି ସୂଚନା ଦେଇଛନ୍ତି। ଛୁରାମାଡ଼ ହୋଇଥିବା ଆହତ କଟକ ମେଡିକାଲକୁ ସ୍ଥାନାନ୍ତର ହୋଇଛନ୍ତି। ସକାଳେ ମେଡିକାଲରେ ସ୍ୱାସ୍ଥ୍ୟସେବା ସ୍ୱାଭାବିକ ହୋଇଥିବା ବେଳେ ପୋଲିସ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଛି।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

# ୨୪ବର୍ଷ ଶାସନରେ ବଦଳିଛି ଓଡ଼ିଶାର ମାନଚିତ୍ର



ପଦଯାତ୍ରା ଶେଷରେ ଆୟୋଜିତ ସଭାରେ ଉପସ୍ଥିତ କର୍ମୀ।

ଖଇରା, ୧୧।୧୦(ଉତ୍କଳବନ୍ଧୁ ପଣ୍ଡା)

ବିଜେଡି ସରକାର ଆସିବା ପରଠାରୁ ରାଜ୍ୟରେ ଦ୍ରୁତ ବିକାଶ ହୋଇଛି । ଗର୍ଭସ୍ଥ ଶିଶୁଠାରୁ ବ୍ୟକ୍ତିଟିଏ ମଶାଣି ଯିବା ପର୍ଯ୍ୟନ୍ତ ସମସ୍ତଙ୍କ ପାଇଁ ବିଭିନ୍ନ ଯୋଜନା ପ୍ରଣୟନ ହୋଇଛି । ନବୀନ ସରକାରର ୨୪ବର୍ଷ ଶାସନ କାଳରେ ଓଡିଶାର ଭୌଗୋଳିକ ଅର୍ଥନୈତିକ ଓ ସାମାଜିକ ପରିବର୍ତ୍ତନ ହୋଇଛି। ଓଡିଶାର ମାନଚିତ୍ର ବଦଳାଇଥିବା ନବୀନ ସାଢେ ୪କୋଟି ଓଡିଆଙ୍କ ହୃଦୟ ଜିତଛନ୍ତି । ୩୭ ପଞ୍ଚାୟତରୁ ଆସିଥିବା ବିଜେଡି କର୍ମୀଙ୍କ ବିଶାଳ ପଦଯାତ୍ରା ଆଳଦା ଛକରୁ ବାହାରି ଦୁର୍ଗାମଣ୍ଡପରେ ପହଞ୍ଚିବା ବେଳକୁ ଏହା ଜନସମୁଦ୍ର ପାଲଟିଥିଲା । ବିଜେଡି ସଭାପତି ବ୍ରଜକିଶୋର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ଜିଲା ପରିଷଦ ସଭ୍ୟ ରାଧାକାନ୍ତ ପାତ୍ର ସ୍ୱାଗତ ଭାଷଣ ରଖିଥିଲେ। ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ସଭ୍ୟ ମାନସ କୁମାର ଦାସ, ଉପାଧକ୍ଷ ଗଜେନ୍ଦ୍ର ପରିଡା, ସମିତିସଭ୍ୟା ଛବିଲତା ମହାପାତ୍ର, ବରିଷ୍ଠ ସଭ୍ୟ ଲକ୍ଷ୍ମୀଧର ସ୍ୱାଇଁ, ରଘୁନାଥ ପଣ୍ଡା, ସମ୍ପଦ ଘଡେଇ ପ୍ରମୁଖ କର୍ମୀଙ୍କ ଆଗରେ ଓଡିଶା ତଥା ସିମୁଳିଆ ଖଇରା ବିକାଶର ଚିତ୍ର ବଖାଣିଥିଲେ। ରଶ୍ମିତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସୌମ୍ୟରଞ୍ଜନ ନାୟକ, ମନୋଜ ପାତ୍ର, ସାଇଆଶିଷ ପତ୍ରୀ, ପ୍ରୀତମ ନାୟକ, ଜ୍ୟୋତିପ୍ରକାଶ ମହାପାତ୍ର, ଅମରେଶ ପତ୍ରୀ, ଗୌତମ ରାଉତ ଓ ତୃପ୍ତିକାନ୍ତ ନାୟକ ପ୍ରମୁଖ ପଦଯାତ୍ରା ପରିଚାଳନାରେ ସହଯୋଗ କରିଥିଲେ ।

# 'ନାରୀ ଉଚ୍ଚସ୍ଥାନ ପାଇବାକୁ ହକ୍‌ଦାର'



ଛାତ୍ରୀଛାତ୍ରମାନେ ପ୍ଲାଗ କାର୍ଡ ଧରି ସଚେତନ କରୁଛନ୍ତି।

## ଆନ୍ତର୍ଜାତିକ ବାଳିକା ଦିବସ

ଢେଙ୍କିକୋଟ(ନୀଳମଣି ମଣ୍ଡଳ)/ପାଟଣା (ବୀର କିଶୋର ଦାଶ),୧୧।୧୦

କେନ୍ଦୁଝର ଜିଲା ଢେଙ୍କିକୋଟ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବୁଧବାର ଆନ୍ତର୍ଜାତିକ ବାଳିକା ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ମୀନତି ମହାରଣାଙ୍କ ନେତୃତ୍ୱରେ ସହକାରୀ ଶିକ୍ଷୟିତ୍ରୀଙ୍କ ସହଯୋଗରେ ବିଦ୍ୟାଳୟ ପରିସରରେ ସମସ୍ତ ଛାତ୍ରୀଛାତ୍ର ଏକତ୍ରିତ ହୋଇଥିଲେ। ବାଳିକାମାନେ ହେଲେ ସୃଷ୍ଟିର ଭବିଷ୍ୟତ। ବାଳିକାମାନେ ସୁସ୍ଥ ସବଳ ଏବଂ ସମ୍ମାନର ସହ ସମାଜରେ ଉଚ୍ଚ ସ୍ଥାନ ପାଇବା ହକଦାର। ନାରୀ ଉଚ୍ଚ ଶିକ୍ଷିତା ହୋଇ ନାସା ଭଳି ଚନ୍ଦ୍ରଯାନକୁ ଚନ୍ଦ୍ର ପୃଷ୍ଠକୁ ପଠାଇବାରେ ସହଯୋଗ କରିପାରୁଛନ୍ତି। ଏଣୁ ସଦାସର୍ବଦା ବାଳିକାମାନଙ୍କୁ ସମାଜରେ ସମ୍ମାନ ଶିକ୍ଷା ଦେଇ ଉଚ୍ଚ ଶିକ୍ଷିତ କରିବା ପ୍ରତ୍ୟେକ ମାତାପିତା ଓ ଗୁରୁଜନଙ୍କ କର୍ତ୍ତବ୍ୟ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ମତବ୍ୟକ୍ତ କରିଥିଲେ। ପରେ ଛାତ୍ରୀଛାତ୍ରମାନେ ଫ୍ଲାଗ କାର୍ଡ ଧରି ବିଭିନ୍ନ ସ୍ଲୋଗାନ ଦେଇ ଢେଙ୍କିକୋଟ ସାହି ବସ୍ତି ଓ ବଜାର ପରିକ୍ରମା କରି ଜନସାଧାରଣଙ୍କୁ ସଚେତନ କରିଥିଲେ। ସେହିପରି ପାଟଣା ବ୍ଲକ୍ ମୁଖ୍ୟାଳୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ରାଜନଗର ଉଚ୍ଚ ବିଦ୍ୟାଳୟ ଓ ସାହାରପଡ଼ା ବ୍ଲକ୍ ଗୋଜା ପଥର ପଞ୍ଚାୟତ ଗୋଜାପଥର ସରକାରୀ ଉଚ୍ଚ ବିଦ୍ୟାଳୟ ଓ ପଲ୍ଲୀଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ବୁଧବାର ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ଗୋଜାପଥର ପ୍ରଧାନଶିକ୍ଷକ ପ୍ରଦୀପ ନାଏକ ଓ ପଲ୍ଲୀଶ୍ରୀର ପ୍ରଧାନଶିକ୍ଷକ ଭଦ୍ରସେନ ମହାନ୍ତଙ୍କ ତତ୍ତ୍ୱାବଧାନରେ ବାଳିକାମାନଙ୍କୁ ନେଇ ଏକ ସଚେତନତା ଶୋଭାଯାତ୍ରା ଗାଁ ଓ ବଜାର ପରିକ୍ରମା କରିଥିଲା। ପ୍ରଧାନଶିକ୍ଷକ ହରେକୃଷ୍ଣ ମହାନ୍ତ, ଦୀନବନ୍ଧୁ ନାଏକ, ସିଆରସିସି ରାଇରଣ ମହାନ୍ତ ସହାୟତା କରିଥିଲେ। ରାଜନଗର ବିଦ୍ୟାଳୟରେ ଅସ୍ଥାୟୀର ସଂଯୋଜିକା ଦେବଜାନୀ ଶତପଥୀ, ସୀମା ମିଶ୍ର ଓ ସର୍ବେଶ୍ୱର ବେହେରା ପ୍ରମୁଖ ସଭା ଓ ଶୋଭାଯାତ୍ରା ପରିଚାଳନା କରିଥିଲେ।

# ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସରେ ସଚେତନତା

ବଡ଼ବିଲ(ଦେବପ୍ରିୟ ରଣା)/ଚମ୍ପୁଆ(ମହେଶ୍ୱର ଦାସ),୧୧।୧୦

କେନ୍ଦୁଝର ଜିଲା ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମଙ୍ଗଳବାର ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ବଡବିଲ ତାଲୁକ ଆଇନ ସେବା ସମିତି ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ବଡ଼ବିଲ ସମିତି ଅଧ୍ୟକ୍ଷା ତଥା ଜେଏମ୍ଏଫ୍‌ସି(ପ୍ରଥମ) ମଲ୍ଲିକା ଗୋଏଙ୍କା ମାନସିକ ରୋଗୀ ଚିହ୍ନିବା କିପରି ଓ ସେମାନଙ୍କୁ କିଭଳି ସମାଜର ମୁଖ୍ୟ ସ୍ରୋତରେ ସାମିଲ କରାଯାଇପାରିବ ସେ ନେଇ ବକ୍ତବ୍ୟ ରଖିଥିଲେ। ଜେଏମ୍ଏଫ୍‌ସି (ଦ୍ୱିତୀୟ) ଶ୍ରେୟା ଶତପଥୀ ଉଦାହରଣ ମାଧ୍ୟମରେ ମାନସିକ ରୋଗୀଙ୍କୁ କିଭଳି ରୋଗମୁକ୍ତ କରିବାରେ ସହାୟତା ଦିଆଯାଇପାରିବ ସେ ନେଇ ସୂଚନା ଦେଇଥିଲେ। ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ସୌଭାଗ୍ୟ ରଶ୍ମୀ ରଞ୍ଜନ ସାମଲ, ଆଇନଜୀବୀ ବିଭୂତି ଭୂଷଣ ଷଡ଼ଙ୍ଗୀ ମତବ୍ୟକ୍ତ କରିଥିଲେ। ଆଇନଜୀବୀ ବଳରାମ ମହାନ୍ତି ପରିଚାଳନା କରିଥିବା ବେଳେ କୋର୍ଟ କର୍ମଚାରୀ, ଆଇନଜୀବୀ, ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର, କର୍ମଚାରୀ, ରୋଗୀ ଓ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ସେହିପରି ଚମ୍ପୁଆ ସଦର ମହକୁମାସ୍ଥିତ କୌରାଲୀ ନର୍ସିଂ କଲେଜ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳିତ ହୋଇଯାଇଛି। ନର୍ସିଂ କଲେଜ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ଶୋଭାଯାତ୍ରା ରାମଲା, କାବରାଘୁଟୁ ଆଦି ଅଞ୍ଚଳ ପରିକ୍ରମା ସହ ପଥପ୍ରାନ୍ତ ନାଟକ ମାଧ୍ୟମରେ ମାନସିକ ଅସୁସ୍ଥତାର ଲକ୍ଷଣ, ନିରାକରଣ ଓ ଚିକିତ୍ସା ବିଷୟରେ ଅବଗତ କରିଥିଲେ।

# ବସ୍ତା ପଦଯାତ୍ରାରେ ଜିଲା ପର୍ଯ୍ୟବେକ୍ଷକ ପ୍ରତାପ ଦେବ

## ଅନୁପସ୍ଥିତ ଥିଲେ ବିଧାୟକ ନିତ୍ୟାନନ୍ଦ

ବସ୍ତା, ୧୧।୧୦(ହରିଶଙ୍କର ପାଢ଼ୀ)

ବସ୍ତାରେ ନିର୍ବାଚନ ମଣ୍ଡଳୀସ୍ତରୀୟ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୧୦ହଜାରରୁ ଉର୍ଦ୍ଧ୍ୱ ଜନସମାଗମ ହୋଇଥିଲା। ଏହି ପଦଯାତ୍ରା ବସ୍ତାପଟୁ ଦରଡ଼ ବଜାରରୁ ଆରମ୍ଭ ହୋଇଥିବା ବେଳେ ବାଲିଆପାଳ ପଟୁ ଛଚିନା ବଜାରଠାରୁ ଆରମ୍ଭ ହୋଇଥିଲା। ଦୁଇପଟରୁ ମୁକୁଳିଶୀଠାରେ ପହଞ୍ଚିବା ପରେ ସ୍ଥାନୀୟ ପଞ୍ଚାୟତ ଅଫିସ ପାଖ ଚନ୍ଦନ ପଡ଼ିଆରେ ଏକ ବିଶାଳ ସଭା ଅନୁଷ୍ଠିତ ହୋଇଥିଲା। ବସ୍ତାର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନ ସରପଞ୍ଚ ପ୍ରତିନିଧି ଅନୀଲ କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଜେଡି ନେତୃବୃନ୍ଦ ଉପସ୍ଥିତ ଥିଲେ। ବାଲେଶ୍ୱର ଜିଲା ପର୍ଯ୍ୟବେକ୍ଷକ ଦାୟିତ୍ୱରେ ଥିବା ବିଧାୟକ ପ୍ରତାପ ଦେବ, ପୂର୍ବତନ ଏମ୍‌ପି ରବୀନ୍ଦ୍ର ଜେନା, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱର ଜିଲା ମହିଳା ସଭାପତି ସୁବାସିନୀ ଜେନାଙ୍କ ସମେତ ବହୁ ନେତୃ ସ୍ଥାନୀୟ ବ୍ୟକ୍ତି ମଞ୍ଚାସୀନ ଥିଲେ। ତେବେ ଉକ୍ତ ସଭାରେ ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ ଅନୁପସ୍ଥିତ ରହିବା ନେଇ କର୍ମୀ ମହଲରେ ବିଭିନ୍ନ ଚର୍ଚ୍ଚା ଚାଲିଥିବା ଶୁଣିବାକୁ ମିଳିଥିଲା।

# ଯୋଗଦେଲେ ମୟୂରଭଞ୍ଜର ୨୪ ଖେଳାଳି

## ରାଜ୍ୟସ୍ତରୀୟ ଖୋଖୋ ପ୍ରତିଯୋଗିତା



ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ମୟୂରଭଞ୍ଜର ଖୋଖୋ ଖେଳାଳିମାନେ।

ବାରିପଦା,୧୧।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟସ୍ତରୀୟ ୧୭ ବର୍ଷରୁ କମ୍ ଉଭୟ ବାଳକ ଓ ବାଳିକା ବର୍ଗର ଖୋଖୋ ପ୍ରତିଯୋଗିତା ଅକ୍ଟୋବର ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଅନୁଗୋଳ ଜିଲା ପୋଲିସ ଟ୍ରେନିଂ କଲେଜ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ହେବ। ଏହି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ଏବଂ ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଭାଗିରଥି ମଲ୍ଲିକଙ୍କ ତତ୍ତ୍ୱାବଧାନରେ ବାଳକ ଟିମ ମ୍ୟାନେଜର ଭାବେ ରିଜୋନାଲ ଏକାଡେମୀ ପୁରୁଣା ବାରିପଦାର ପିଇଟି ରାମନାରାୟଣ ପାଣ୍ଡେ ଓ ବାଳିକା ଟିମ୍ ମ୍ୟାନେଜର ଭାବେ ପଥୁରୀ ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ସୁଚିତ୍ରା ମହାନ୍ତଙ୍କ ନେତୃତ୍ୱରେ ୨୪ ଖେଳାଳି ଯୋଗ ଦେଇଛନ୍ତି । ସେମାନେ ହେଲେ ବାଳକ ବିଭାଗରେ ସିମାଲ ପ୍ରସାଦ ବାସ୍କେ,ଏମ. ମହେଶ୍ୱର ହାଁସଦା, ରାଧା ମାଧବ ନାଏକ, ସାଇବୁ ମୁର୍ମୁ, ସୁନ୍ଦର ମୋହନ ମାରାଣ୍ଡି, ସାଇ ସାଧନ ଭଞ୍ଜବାବୁ, ଆକାଶ ବେସ୍ରା, ଶୁଭମ ଡଙ୍ଗୁଆ, ଫଗୁରାମ ସୋରେନ, ଦେବାଶିଷ ପାତ୍ର, ସାଙ୍ଘାଳ ପୂର୍ତ୍ତି, ଅଂକୁଳ ସିଂ ଓ ବାଳିକା ବିଭାଗରେ ସମିତା ମାଝୀ, ଧାନୀ ଟୁଡ୍ଡୁ, ସୁମିତା ମହାନ୍ତ, ସଲମା ସୋରେନ, ସମିତା ମୁର୍ମୁ, ଡେଲ କିସ୍କୁ, ମାଳତୀ ସୋରେନ, ସାବିତ୍ରୀ ସିଂ, ଜ୍ୟୋସ୍ନାରାଣୀ ସିଂ, ଜସ୍ମି ମୁର୍ମୁ, ଛିତା ମୁର୍ମୁ, ବିଷ୍ଣୁପ୍ରିୟା ତୁଙ୍ଗ।

# ଯୁବକଙ୍କ କ୍ଷତାକ୍ତ ମୃତଦେହ ଜବତ

ରାଇରଙ୍ଗପୁର,୧୧।୧୦(ମାନସ ମହାନ୍ତି)

ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ଅଧୀନ ଦେଓଗାଁ ଗ୍ରାମର ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ଝାଡ଼ଖଣ୍ଡ ଏବଂ ପଶ୍ଚିମବଙ୍ଗ ରାଜ୍ୟ ସୀମାନ୍ତରୁ ଉଦ୍ଧାର ହୋଇଛି। ମୃତ ଯୁବକ ଜଣକ ହେଲେ ସେକ୍ ତୁକମାନଙ୍କ ପୁଅ ସେକ ଆଫରଜ୍ (୩୫)। ପଶ୍ଚିମବଙ୍ଗ ରାଜ୍ୟ ପୁରୁଲିଆ ନିକଟସ୍ଥ ବାଗମୁଣ୍ଡି ଥାନା ପୋଲିସ ଏକ ଡ୍ୟାମ୍ ନିକଟସ୍ଥ ଘଞ୍ଚ ଗଛଲତା ମଧ୍ୟରୁ ମୃତଦେହ ଜବତ କରି ଛାନଭିନ୍ ଚଳାଇଛି। ଘଟଣାସ୍ଥଳରୁ ଏକ ବୋଲେରୋ ଜବତ ହୋଇଛି। ମୃତ ଯୁବକଙ୍କ ପରିବାର ଲୋକେ ବୁଧବାର ବାଗମୁଣ୍ଡି ଥାନାରେ ପହଞ୍ଚିବାପରେ ପୋଲିସ ମୃତଦେହ ହସ୍ତାନ୍ତର କରିଥିଲା।

# ବିକାଶର ବାଟ ଓଗାଳୁଛନ୍ତି ବିରୋଧୀ

ଭୋଗରାଇ, ୧୧।୧୦(ପ୍ରଦୀପ ଦାସ)

ଓଡ଼ିଶାରେ ସାଢେ ୪ କୋଟି ଲୋକଙ୍କ ସାମାଜିକ ଓ ଅର୍ଥନୈତିକ କ୍ଷେତ୍ରରେ ଦ୍ରୁତ ବିକାଶ ଘଟିଥିବା ବେଳେ ବିରୋଧୀ ଭାଜପା ଓ କଂଗ୍ରେସ ବିକାଶର ବାଟ ଓଗାଳୁଥିବା ବିଜେଡି ନେତୃମଣ୍ଡଳୀ ଭୋଗରାଇରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଉଦ୍‌ଯାପନୀ ସଭାରେ ମତବ୍ୟକ୍ତ କରିଛନ୍ତି। ଭୋଗରାଇ ବ୍ଲକ ଥାନାଛକ ସ୍ଥିତ ହେଲିପ୍ୟାଡ ପଡିଆରେ ବୁଧବାର ଏକ ବିଶାଳ ଜନସଭାରେ ସଭାପତିତ୍ୱ କରିଥିଲେ ବିଜେଡି ଶାଖାର ସଭାପତି ରମାକାନ୍ତ କରଣ। ମୁଖ୍ୟଅତିଥି ଭାବେ ବର୍ଷିୟାନ ନେତା ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ ମୁଖ୍ୟମନ୍ତ୍ରୀଙ୍କ ବିକାଶଧାରା ଓ ଭୋଗରାଇ ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ଯୋଗୁ ଭୋଗରାଇ ନିର୍ବାଚନମଣ୍ଡଳୀରେ ଯୁଗାନ୍ତକାରୀ ପ୍ରଗତି ଘଟିଛି ବୋଲି କହିଥିଲେ। ଉଦ୍‌ଯାପନୀ ସଭାରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ଉପାଧ୍ୟକ୍ଷା ମୀନାରାଣୀ ସାସମଲ, ଜିଲା ଉପସଭାପତି ତପନ କୁମାର ପଣ୍ଡା, ଜିଲା ସାଧାରଣ ସମ୍ପାଦକ ଭୁବନାନନ୍ଦ ଦାସ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ବ୍ଲକ କାର୍ଯ୍ୟକାରୀ ସଭାପତି ଗଣପତି ଗିରି, ଯୁବନେତା ବିଶ୍ୱଜିତ ଦାସ, ଅଭିଜିତ ଦାସ, ରାମକୃଷ୍ଣ ପାତ୍ର, ପ୍ରାକ୍ତନ ପଞ୍ଚାୟତ ସମିତି ଅଧ୍ୟକ୍ଷା ମଞ୍ଜୁରାଣୀ ବେହେରା, ପ୍ରାକ୍ତନ ଉପାଧ୍ୟକ୍ଷ ଦୀପକ କୁମାର ଦାସ, ଜିଲା ପରିଷଦ ସଦସ୍ୟା ନିବେଦିତା ମହାନ୍ତି, କବିତା ମହାନ୍ତି ପ୍ରମୁଖ ପଦଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ।




ପଦଯାତ୍ରା ଉଦ୍‌ଯାପନୀ ଅବସରରେ ଅନୁଷ୍ଠିତ ସଭାରେ ବିଧାୟକ ଅନନ୍ତ ଦାସ ଓ ଅନ୍ୟମାନେ।

# ବର୍ଷାରେ ଖରିଫ ଧାନଚାଷ ବ୍ୟାପକ କ୍ଷତି

## ୪ଦିନ ଧରି ବୁଡ଼ିରହିଲା ୧୧୫୭ ହେକ୍ଟର ଜମି, ଏବେ ରୋଗ ପୋକ ପ୍ରାଦୁର୍ଭାବ

ଜଳେଶ୍ୱର, ୧୧।୧୦(ରବିନାରାୟଣ ପାତ୍ର)

ଗତ କିଛିଦିନ ତଳେ ଲଘୁଚାପଜନିତ ବର୍ଷାରେ ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଞ୍ଚଳର ୧୧୫୭ ହେକ୍ଟର ଜମି ବୁଡ଼ିରହିଥିଲା। କ୍ଷୟକ୍ଷତି ଆକଳନ ଚାଲିଥିବା ବେଳେ ବହୁ ସ୍ଥାନରୁ ଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ବର୍ଷା ପରେ ବିଭିନ୍ନ ସ୍ଥାନରେ ଲିଭ ଫୋଲଡର, ମୂଳପଚା, କାଣ୍ଡବିନ୍ଧା ପୋକ ଆଦି ବ୍ୟାପକ ଭାବେ ମାଡୁଥିବାରୁ ଧାନଚାଷ ପ୍ରଭାବିତ ହେବ ବୋଲି କୁହାଯାଇଛି।

ଜଳେଶ୍ୱର ବ୍ଲକରେ ମୋଟ ୨୩ହଜାର ହେକ୍ଟର ଜମିରେ ଖରିଫ ଧାନଚାଷ ହୋଇଥାଏ । ସେଥିରୁ ପ୍ରାୟ ୨୦ହଜାର ହେକ୍ଟର ଜମିରେ ଧାନ ଓ ୩ ହଜାର ହେକ୍ଟର ଜମିରେ ପରିବା ଚାଷ ହୋଇଥାଏ । ଚଳିତବର୍ଷ ୧୯୮୫୫ ହେକ୍ଟର ଜମି ରୁଆପୋତା ହୋଇଥିବା ବେଳେ ପ୍ରାୟ ୫ଶହ ହେକ୍ଟର ଜମି ବର୍ଷା ଅଭାବରୁ ରୁଆପୋତା ହୋଇପାରି ନ ଥିଲା । ଜୁଲାଇ, ଅଗଷ୍ଟରେ କମ୍ ବର୍ଷା ହୋଇଥିବାରୁ ଚଳିତବର୍ଷ ଚାଷ ପ୍ରଭାବିତ ହେବା ଆଶଙ୍କା ଦେଖାଦେଇଥିଲା । ଅକ୍ଟୋବର ପ୍ରଥମ ସପ୍ତାହରେ ମାତ୍ର ୨୪ଘଣ୍ଟାରେ ୨୨୭ ମି.ମି. ବର୍ଷା ହେବାରୁ ବନ୍ୟା ପରିସ୍ଥିତ ସୃଷ୍ଟି ହୋଇଥିଲା । ପଶ୍ଚିମବଙ୍ଗର ଉଦ୍‌ବୃତ୍ତ ବର୍ଷାପାଣି ଓ ସୁବର୍ଣ୍ଣରେଖା ନଦୀରେ ବନ୍ୟା ଦେଖାଦେବାରୁ ଜଳେଶ୍ୱରର ବିଭିନ୍ନ ଅଞ୍ଚଳ ୪ଦିନ ଧରି ବୁଡ଼ିରହିଥିଲା। ରାଜସ୍ୱ ନିରୀକ୍ଷକ, କୃଷି କର୍ମଚାରୀ ଓ ପରିସଂଖ୍ୟାନ ବିଭାଗ କର୍ମଚାରୀମାନେ ଅଦ୍ୟାବଧି କ୍ଷୟକ୍ଷତି ଆକଳନ କରୁଛନ୍ତି ବୋଲି ଗୋଷ୍ଠୀ କୃଷି ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତି କହିଛନ୍ତି। କିନ୍ତୁ ୧୧୫୭ ପରିବର୍ତ୍ତେ ଏହାର ପରିମାଣ ଅଧିକ ହେବ ବୋଲି ଦାବି ହୋଇଛି। ଏପରିକି ପରିବା ଚାଷରେ ମଧ୍ୟ ବ୍ୟାପକ କ୍ଷତି ହୋଇଛି। ବର୍ଷାବେଳେ ନେତୁଆ, ସମ୍ପଡିଆ, ନାମ୍ପୋ, ଆରୁହା, ଖାଳିନା, ବାଇଗଣବାଡିଆ, ପଶ୍ଚିମବାର୍ଡି, ରାୟାଁରାମଚନ୍ଦ୍ରପୁର, ଖୁଲୁଡା, ବର୍ତ୍ତନା, ପଞ୍ଚାୟତର ବହୁ ଲୋକେ ଘରଦ୍ୱାର ଛାଡି ଅନ୍ୟତ୍ର ଆଶ୍ରୟ ନେଇଥିବା ସମ୍ପର୍କରେ ବ୍ଲକ ଅଧ୍ୟକ୍ଷ ମାନସ ଜେନା କହିଛନ୍ତି । ବର୍ଷା ଛାଡିଲାଣି କିନ୍ତୁ ଏବେ ପାଣିରେ ବୁଡିଥିବା ଧାନଗଛ ଆସ୍ତେ ଆସ୍ତେ ନଷ୍ଟ ହେଉଛି । ବ୍ୟାପକ ମୂଳପଚା, ଲିଭ ଫୋଲଡର, କାଣ୍ଡବିନ୍ଧା ଆଦି ବିଭିନ୍ନ ରୋଗପୋକଙ୍କ ପ୍ରାଦୁର୍ଭାବ ବଢିଚାଲିଛି । ଏ ସମ୍ପର୍କରେ କୃଷି ଅଧିକାରୀ ରାଜଲକ୍ଷ୍ମୀ ମହାନ୍ତିଙ୍କୁ ପଚାରିବାରୁ ଜମିରେ ଚାଷୀମାନେ କରାଟେ, କାଲଡାନ, ଜୋସ୍, ରିଜେକ୍ଟ, ସେନିକ୍‌ଫ୍ଲୋ, କରାଗନ, ଅବଟାସ୍, ବିଲୋ ଓ ବିନାସକ ନାମକ ଔଷଧ ସିଞ୍ଚନ ଲାଗି ପରାମର୍ଶ ଦେଇଛନ୍ତି। ଏପରି ସ୍ଥିତିରେ ରୋଗପୋକ ଦମନ ଲାଗି କୀଟନାଶକ ଯୋଗାଇ ଦେବାକୁ ଦାବି ହୋଇଛି ।

## ନାବାଳିକାଙ୍କୁ ବଳାତ୍କାର ମାମଲା

# ଦୋଷୀଙ୍କୁ ୨୦ ବର୍ଷ ଜେଲଦଣ୍ଡ

କେନ୍ଦୁଝର,୧୧।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ/ଦୀପକ ମିଶ୍ର)

କେନ୍ଦୁଝର ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ବୁଧବାର ଏକ ନାବାଳିକା ବଳାତ୍କାର ମାମଲାର ଶୁଣାଣି ହୋଇଛି। ଜଜ୍ ଶୁଭଶ୍ରୀ ତ୍ରିପାଠୀ ମାମଲାରେ ଅଭିଯୁକ୍ତ ମହା ଟୁଡୁଙ୍କୁ ଦୋଷୀ ସାବ୍ୟସ୍ତ କରି ୨୦ ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୨୩ ହଜାର ଟଙ୍କା ଜରିମାନା ଓ ଅନାଦାୟେ ଆଉ ୧ବର୍ଷ ୩ ମାସ ଅଧିକ ଦଣ୍ଡ ଶୁଣାଇଛନ୍ତି। ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କା କ୍ଷତିପୂରଣ ଦେବାକୁ କୋର୍ଟ ଆଦେଶ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ୨୦୧୯ ମେ ୧୦ରେ ନାବାଳିକା ତାଙ୍କ ପିଉସୀ ଘରକୁ ମେଳା ଦେଖିବାକୁ ଯାଇଥିଲେ। ବାଟରୁ ମହା ଉଠାଇନେଇ ବଳାତ୍କାର କରିଥିଲେ। ନାବାଳିକା ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରି ମହାଙ୍କ ଘରୁ ପାଇଥିଲେ। ମହା ସେମାନଙ୍କୁ ମାରଧର କରିବାରୁ ପରିବାର ଲୋକେ ଆନନ୍ଦପୁର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୯୧/୧୯)ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରିଥିଲା। ୧୬ ସାକ୍ଷୀଙ୍କ ବୟାନ ଓ ପୋଲିସ ରିପୋର୍ଟକୁ ଆଧାରକରି ଜଜ୍ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିବା ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଣେଶ ପ୍ରସାଦ ମହାପାତ୍ର କହିଛନ୍ତି।

